## ସଂକ୍ଷେପରେ

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନିମନ୍ତେ ଦାବି

**ଅନୁଗୋଳ ଅଫିସ, ୨୧।୫:** ଅନୁଗୋଳ ଜିଲାରେ ଉଚ୍ଚଶିକ୍ଷାର ସୁବିଧା ଓ ଉନ୍ନତି ନିମନ୍ତେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଜିଲାର ସାମାଜିକ କର୍ମୀମାନଙ୍କ ପକ୍ଷରୁ ରବିବାର ଅନୁଗୋଳ ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସାମାଜିକ କର୍ମୀମାନେ ଦର୍ଶାଇଛନ୍ତି ଯେ, ଅନୁଗୋଳ ଓଡ଼ିଶାର କେନ୍ଦ୍ରସ୍ଥଳୀ ହୋଇଥିବା ବେଳେ ବିଭିନ୍ନ ଶିଳ୍ପାନୁଷ୍ଠାନ ରହିଛି। ଏହି ଦୃଷ୍ଟିକୋଣରୁ ଅନୁଗୋଳକୁ ଆହୁରି ଆଗକୁ ନେବା ନିମନ୍ତେ ଛାତ୍ରୀଛାତ୍ରମାନେ ଉନ୍ନତ ଶିକ୍ଷା ଗ୍ରହଣ କରିବା ନିତ୍ୟାନ୍ତ ଆବଶ୍ୟକ। ଏହାକୁ ଆଖି ଆଗରେ ରଖି ଅନୁଗୋଳ ଜିଲାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଗଲେ ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷା ଗ୍ରହଣ କରିପାରିବେ ବୋଲି ସାମାଜିକ କର୍ମୀମାନଙ୍କ ତରଫରୁ ଦାବି ଉପସ୍ଥାପନା କରାଯାଇଛି। ସାମାଜିକ କର୍ମୀ ପର୍ଶୁରାମ ଦାଶ, ପ୍ରତାପ ମହାପାତ୍ର, ଆଦିତ୍ୟ ମିଶ୍ର, ଜୟନ୍ତ କର, ଗୁରୁଚରଣ ଗଡତିଆ ପ୍ରମୁଖ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ।

# ସ୍ୱାସ୍ଥ୍ୟସେବାରେ ଆସୁନି ସୁଧାର

**ବଇଣ୍ଡା, ୨୧।୫ (ଡି.ଏନ.ଏ.)**



- ୪ ବର୍ଷ ହେଲା ଖାଲି ପଡିଛି ଡାକ୍ତର ପଦବୀ
- ନିରାଶ ହୋଇ ଅନ୍ୟତ୍ର ଯାଉଛନ୍ତି ରୋଗୀ
- ଅଙ୍ଗପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ବିପର୍ଯ୍ୟସ୍ତ ସ୍ଥିତି

ସ୍ୱାସ୍ଥ୍ୟସେବାରେ ସରକାର ଦେଉଛନ୍ତି ଅନେକ ସୁବିଧା। ଏହାର ସୁଯୋଗ ନେବାକୁ ସରକାରୀ ମେଡିକାଲ ଆସୁଛନ୍ତି ରୋଗୀ। ହେଲେ କେଉଁଠି ଦୀର୍ଘବର୍ଷ ହେଲା ଡାକ୍ତର ନାହାନ୍ତି ତ ଆଉ କେଉଁଠି ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବରୁ ମିଳିପାରୁନି ଚିକିତ୍ସା। ଫଳରେ ନିରାଶ ହୋଇ ରୋଗୀ ବେସରକାରୀ ହସ୍ପିଟାଲମୁହାଁ ହୋଇ ଅଯଥା ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି। ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଙ୍ଗପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏହାର ଏକ ଉଦାହରଣ। ଦୀର୍ଘ ୪ ବର୍ଷ ହେଲା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ସାଧାରଣ ରୋଗୀଙ୍କ ଠାରୁ ଆରମ୍ଭ କରି ଗର୍ଭବତୀଙ୍କ ଯାଏ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ଅଭିଯୋଗ କରାଯିବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ଅନୁଗୋଳ ଜିଲା ଅଙ୍ଗପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ହୋଇଥିବା ଜଣେ ଏମ୍‌ବିବିଏସ୍ ଡାକ୍ତରଙ୍କୁ ୨୦୧୯ ମସିହାରୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନରେ ପଠାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ସେଠାରୁ ଅନ୍ୟତ୍ର ବଦଳି କରିଦିଆଗଲା। ହେଲେ ଅଙ୍ଗପଡ଼ା ମେଡିକାଲରେ ଆଉ କୌଣସି ଡାକ୍ତରଙ୍କୁ ନିଯୁକ୍ତି ଦିଆଗଲା ନାହିଁ। ଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ଅଙ୍ଗପଡା, ଧଡରପାଳ, ଝରାବେରେଣୀ, ସଞ୍ଜାମୁରା, ନାକିଚି, ଠେଲକନାଳି, ଉରୁକୁଳା, ହିମିତିରା ପଞ୍ଚାୟତର ୩୫ ହଜାର ଲୋକ ସେବେଠାରୁ ଚିକିତ୍ସାସେବା ପାଇଁ ହଇରାଣ ହେଉଛନ୍ତି। ବିଶେଷକରି ଏଠାକାର ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳବାସୀ ସାମାନ୍ୟ ଜ୍ୱର ହେଲେ ମଧ୍ୟ ଏହି ମେଡିକାଲରୁ ଆବଶ୍ୟକ ଚିକିତ୍ସା ପାଇପାରୁ ନାହାନ୍ତି। ମେଡିକାଲରେ ଜଣେ ଆୟୁଷ ଡାକ୍ତର ଥିବାବେଳେ ୩୦ ଜୁନ ୨୦୨୨ରୁ କମ୍ପାଉଣ୍ଡର ଅବସର ଗ୍ରହଣ କରିସାରିଛନ୍ତି। ସେହିପରି ସୁଇପର, ଷ୍ଟାଫନର୍ସ ପଦବୀ ମଧ୍ୟ ଏଠାରେ ଖାଲି ପଡିଛି। ତେଣୁ ଠିକ୍ ସମୟରେ ରୋଗୀଙ୍କୁ ଚିକିତ୍ସା ମିଳିପାରୁ ନ ଥିବା କ୍ଷେତି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଷ୍ଟାଫ ନର୍ସ ନ ଥିବା ଯୋଗୁ ଗ୍ରାମାଞ୍ଚଳରୁ ଆସୁଥିବା ଗର୍ଭବତୀ ମହିଳାମାନେ ପ୍ରସବ କରିବା ପାଇଁ ସୁରକ୍ଷିତ ନ ମଣି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନଚେତ ଘରୋଇ ମେଡିକାଲକୁ ଚାଲିଯାଉଛନ୍ତି। ସେହିପରି ସରକାରଙ୍କ ପକ୍ଷରୁ ଆସୁଥିବା ନିଃଶୁଳ୍କ ଔଷଧ ଠିକ୍ ଭାବରେ ମିଳୁ ନ ଥିବା କେନ୍ଦୁନାଳି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ସ୍ଥାୟୀ ଡାକ୍ତର ନିଯୁକ୍ତ ପାଇଁ ୧୦ ଡିସେମ୍ବର ୨୦୧୯, ୫ ମାର୍ଚ୍ଚ ୨୦୨୦, ୨୯ ମେ ୨୦୨୧ ଓ ୨୦ ଜାନୁୟାରୀ ୨୦୨୩ରେ ଧଡରପାଳ ପଞ୍ଚାୟତବାସୀ ଜିଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସମସ୍ୟାକୁ ଦୃଷ୍ଟି ଦେଉ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି।

### ଆସୁଥିବା ରୋଗୀଙ୍କୁ ଚିକିତ୍ସା ମିଳୁନି



ଅଙ୍ଗପଡ଼ା ମେଡିକାଲରେ ଦୀର୍ଘବର୍ଷ ହେବ ଡାକ୍ତର ପଦବୀ ଖାଲି ପଡିଛି। ଫଳରେ ଏହି ଡାକ୍ତରଖାନାକୁ ଆସୁଥିବା ରୋଗୀ ଚିକିତ୍ସା ନ ପାଇ କିଶୋରନଗର ନ ହେଲେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ଯାଉଛନ୍ତି। ବହୁବାର ଦାବି କରାଗଲେ ମଧ ସୁଫଳ ମିଳୁନାହିଁ।

-ବିକାଶ ସାହୁ, ତୁରୁଡା

### ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗର୍ଭବତୀ



ଷ୍ଟାଫନର୍ସ ନ ଥିବା ଯୋଗୁ ଅଙ୍ଗପଡ଼ା ମେଡିକାଲକୁ ଆସୁଥିବା ଗର୍ଭବତୀମାନେ ବହୁ ହଇରାଣ ହେଉଛନ୍ତି। ଏଠାରେ ପ୍ରସବ ସୁରକ୍ଷିତ ନୁହେଁ ବୋଲି ଅନୁଭବ କରି କିଶୋରନଗର ମେଡିକାଲ ଯିବାକୁ ବାଧ ହେଉଛନ୍ତି। ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ।

-ଚେରୁ ସାହୁ, ସଞ୍ଜାମୁରା

### ଜଙ୍ଗଲ ଅଧ୍ୟୁଷିତ ଗାଁରେ ପହଞ୍ଚୁନି ସ୍ୱାସ୍ଥ୍ୟସେବା



ଠେଲକନାଳି ପଞ୍ଚାୟତର ଅନେକ ଗ୍ରାମବାସୀ ଅଙ୍ଗପଡା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚିକିତ୍ସା ପାଇଁ ନିର୍ଭର କରନ୍ତି। କିନ୍ତୁ ଏଠାରେ ଡାକ୍ତର ନ ଥିବାରୁ ଜଙ୍ଗଲ ଅଧ୍ୟୁଷିତ ଏହି ଗ୍ରାମଗୁଡିକରେ ସ୍ୱାସ୍ଥ୍ୟସେବା ପହଞ୍ଚିପାରୁ ନାହିଁ। କର୍ମଚାରୀ ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା ବ୍ୟାହତ ହେଉଛି।

-କୁମୁଦିନୀ ସାହୁ, ଠେଲକନାଳି

### ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯିବ



ଅଙ୍ଗପଡା ମେଡିକାଲ ଉପରେ ବହୁ ପଞ୍ଚାୟତବାସୀ ନିର୍ଭର କରୁଛନ୍ତି। ୪ ବର୍ଷ ହେବ ଏଠାରେ ଡାକ୍ତର ପଦବୀ ସହ ଅନେକ ପଦବୀ ଖାଲି ପଡ଼ିଛି। ତେଣୁ ଯଥାଶୀଘ୍ର ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମାଧାନ ପାଇଁ ଜିଲା ପ୍ରଶାସନ ସହ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯିବ।

-ଜିତେନ୍ଦ୍ର କୁମାର ସାହୁ, ଅଙ୍ଗପଡା ସରପଞ୍ଚ

### ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି



ଅନେକ ଡାକ୍ତରଖାନାରେ ଡାକ୍ତର ପଦବୀ ଖାଲି ପଡିଛି। ଏ ନେଇ ସରକାରଙ୍କୁ ଅବଗତ କରାଯାଇଛି। ରାଜ୍ୟ ସରକାର ନୂତନ ଡାକ୍ତର ନିଯୁକ୍ତି ଦେଲେ ଅଙ୍ଗପଡା ମେଡିକାଲରେ ଖାଲି ପଡ଼ିଥିବା ପଦବୀ ପୂରଣ କରାଯିବ। ଲୋକଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

-ଡା. ତ୍ରିଲୋଚନ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ

# ରାଜୀବ ଗାନ୍ଧୀଙ୍କ ସ୍ମୃତିଚାରଣ

**ଅନୁଗୋଳ ଅଫିସ, ୨୧।୫**

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୩୨ତମ ଶ୍ରାଦ୍ଧ ଦିବସ ଅନୁଗୋଳ ଜିଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଜିଲା ଓବିସି ସେଲ୍ ସଭାପତି ପ୍ରବୋଧ କୁମାର ସ୍ୱାଇଁ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରାକେଶ ମିଶ୍ର, ଜିଲା ଏସ୍‌ସି ସେଲ୍ ଉପସଭାପତି ସଂଗ୍ରାମ ବେହେରା, ଓବିସି ସେଲ୍ ନଗର ସଭାପତି ଦିଲୁ ମହାନ୍ତି, ଜିଲା କଂଗ୍ରେସ ସମ୍ପାଦକ ବାପୁ ସାହୁ, ମହିଳା କଂଗ୍ରେସ ନଗର ସଭାପତି କାସିଦା ଖାନ, ପୂର୍ବତନ ଜିଲା ଯୁବ କଂଗ୍ରେସ ଉପସଭାପତି ଅଭିଷେକ ନାୟକ, ନାରୀ ନେତ୍ରୀ ମାନିନୀ ପ୍ରଧାନ, ସୋନମ ନାୟକ, ଛାତ୍ର ନେତା ଭକ୍ତି ପ୍ରସାଦ ନାୟକ, ମନତ ରାଉତ, ସାହିଲ ପ୍ରମୁଖ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ଅନୁଗୋଳ ଜିଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଉଛି।

# ସାପ କାମୁଡ଼ାରେ ଝିଅ ମୃତ, ମା' ଚିକିତ୍ସାଧୀନ

**ଅନୁଗୋଳ ଅଫିସ, ୨୧।୫**

ତାଳଚେର ବ୍ଲକ ହାଣ୍ଡିଧୁଆ ଅଞ୍ଚଳରେ ସାପ କାମୁଡ଼ାରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ତାଙ୍କ ମା' ଚିକିତ୍ସାଧୀନ ଅଛନ୍ତି। ପ୍ରକାଶ ଯେ, ହାଣ୍ଡିଧୁଆ ଅଞ୍ଚଳର ଦିଲୁ ବେହେରାଙ୍କ ସ୍ତ୍ରୀ ଟୁମୁକି ଓ ୧୩ ବର୍ଷୀୟା ଝିଅ ସୋନାଲି ଶନିବାର ରାତିରେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ଉଭୟଙ୍କୁ କାମୁଡ଼ି ଦେଇଥିଲା। ସକାଳେ ପରିବାର ଲୋକେ ଏହା ଜାଣି ଦୁହିଁଙ୍କୁ ମଣ୍ଡାପାଳ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ଦୁହିଁଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ସୋନାଲିଙ୍କୁ ମୃତ ଘୋଷଣା କରିଥିଲେ। ଟୁମୁକିଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।



ଅନୁଗୋଳରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଦୁଇ ଜଣ ପିଲା ପୋଖରୀରେ ଖେଳୁଛନ୍ତି। (ଫଟୋ- ବୁବୁ)

# ପାଇପ୍ ଚୋରି ଅଭିଯୋଗରେ ୨ ଗିରଫ

**କଣିହାଁ, ୨୧।୫ (ଡି.ଏନ.ଏ.)**

**ଡେରେଙ୍ଗ ଆଶ୍‌ପଣ୍ଡ ଷ୍ଟେଜ୍-୨**

ଅନୁଗୋଳ ଜିଲା କଣିହାଁ ଥାନା ଡେରେଙ୍ଗ ଆଶ୍‌ପଣ୍ଡ ଷ୍ଟେଜ୍-୨ରୁ ଶନିବାର ବିଳମ୍ବିତ ରାତିରେ ପାଇପ୍ ଚୋରି କରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଡେରେଙ୍ଗ ଗ୍ରାମର ରାଜେଶ ସାହୁ(୨୯) ଓ ରୋଜିତ ସାହୁ(୨୩)। ପୋଲିସ କହିଛି, ପାଟ୍ରୋଲିଂ ସମୟରେ କାକୁଡ଼ିଆଠାରେ ଚୋରି ପାଇପ୍ ବୋଝେଇ ପିକ୍‌ଅପ ଭ୍ୟାନ ଜବତ କରାଯାଇଥିଲା। ଏହାକୁ ପାଇଲଟିଂ କରୁଥିବା ଏକ ଗାଡ଼ିକୁ ମଧ ଜବତ କରାଯାଇଥିଲା। ପାଇଲଟିଂ ଗାଡ଼ିରେ ବସିଥିବା ରାଜେଶ ଏବଂ ରୋଜିତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ପାଇପ୍ ବୋଝେଇ ଗାଡିର ଡ୍ରାଇଭର ସାନ କାକୁଡ଼ିଆର ଜଗନ୍ନାଥ ସମଲ ଫେରାର ହୋଇଯାଇଥିବା ପୋଲିସ ପ୍ରକାଶ କରିଛି। ଏହି ଚୋରିରେ ଆଉ କେତେଜଣ ସାମିଲ ଥିବାରୁ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଏ ନେଇ ରବିବାର ଷ୍ଟେଜ-୨ ରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଶିବଶକ୍ତି ଏଲ୍‌ମେକର ନିର୍ଦ୍ଦେଶକ ଶ୍ରୀକାନ୍ତ କୁମାର ପାଣି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୯୮/୨୦୨୩ରେ ଏକ ମାମଲା ରୁଜୁ କରିଛି।

# ସହାୟକ ହେବ ଗ୍ରୀଷ୍ମକାଳୀନ ରକ୍ତଦାନ

**କଣିହାଁ, ୨୧।୫ (ଡି.ଏନ୍.ଏ.)**

ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ରକ୍ତ ଭଣ୍ଡାର ତରଫରୁ ରବିବାର କଣିହାଁ ବ୍ଲକ ସ୍ଥିତ ଏନ୍‌ଟିପିସି ପ୍ରକଳ୍ପ ଦୀପ ତରଙ୍ଗ ମନୋରଞ୍ଜନ କେନ୍ଦ୍ରରେ ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏନ୍‌ଟିପିସି ପ୍ରକଳ୍ପ ସମେତ ଲକ୍ଷ୍ମୀନାରାୟଣ ୟୁଥ୍ ଟ୍ରଷ୍ଟ, ସାନ୍ତ୍ୱନା, ଆମ ସେବା ପରିବାର, ଏସ୍‌ଏମ୍‌ଏସ ଏକାଡେମୀ, ବିଜିଗୋଳ ସୁରକ୍ଷା ସଂଘ, ଉତ୍କଳ ସାମ୍ବାଦିକ ସଂଘ କଣିହାଁ ଶାଖା ସହିତ ପ୍ରମୁଖ ଅନୁଷ୍ଠାନ ଓ କର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ଅତିଥି ଭାବେ ଏନ୍‌ଟିପିସି ପ୍ରକଳ୍ପ ଅଧିକାରୀ ଏ.କେ. ସେହଗଲ, ଏଜିଏମ୍ ତଥା ଶାନ୍ତ୍ୱନା ସଙ୍ଗଠନର ସହଯୋଗୀ ଅଶୋକ ସାମଲଙ୍କ ସମେତ ଅନ୍ୟାନ୍ୟ ସଂଗଠନର କାର୍ଯ୍ୟକାର୍ତ୍ତା କୃଷ୍ଣ ଚରଣ ସାମଲ, ଜ୍ୟୋତି ରଞ୍ଜନ, ଅନିଲ ରାଉଳ, ସୌରଭ ପ୍ରଧାନ, ସୁବୋଧ ପାଣି, ଶ୍ରୀଦେବୀ ସାହୁ, ଭୁପେନ ଅନ୍ଧ, ହେମନ୍ତ ପ୍ରଧାନ, ଶ୍ରମିକ ସଂଗଠନର କାର୍ଯ୍ୟକର୍ତ୍ତା ସତ୍ୟାନନ୍ଦ ସାହୁ, ଜଗବନ୍ଧୁ ପ୍ରଧାନ, ବୀରେନ୍ଦ୍ର କାନୁନଗୋ ପ୍ରମୁଖ ଯୋଗଦାନ କରିଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରକ୍ତ ଅଭାବ ସମସ୍ୟାକୁ କିଛି ମାତ୍ରାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିବିରରେ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସୂର୍ଯ୍ୟପ୍ରକାଶ ସାହୁ, ତାଳଚେର ରକ୍ତ ଭଣ୍ଡାରର ଇନଚାର୍ଜ କର୍ଣ୍ଣରାମ ମହାନ୍ତ, ଟେକ୍ନିସିଆନ ଲକ୍ଷ୍ମଣ ସାହୁ, କୁମୁଦ ଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ପ୍ରଧାନ, ଷ୍ଟାଫ ନର୍ସ ସୋନାଲି ଘଡେଇ, ତ୍ରିନାଥ ହୋତା, ଚନ୍ଦ୍ରମଣି ନାଏକ, ରାଜକିଶୋର ସାହୁ ପ୍ରମୁଖ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କଣିହାଁ ଅଞ୍ଚଳର ସମସ୍ତ ସଙ୍ଗଠନର କାର୍ଯ୍ୟକର୍ତ୍ତା, ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ, ରକ୍ତଦାତା ସହଯୋଗ କରିଥିଲେ।



# ୩୫ ୟୁନିଟ୍ ରକ୍ତ ସଂଗ୍ରହ

**ଅନୁଗୋଳ ଅଫିସ, ୨୧।୫**

ଅନୁଗୋଳ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଢେଙ୍କାନାଳ ଏମ୍‌ପିଙ୍କ ବଁଅରପାଳ ବ୍ଲକ ପ୍ରତିନିଧି ସ୍ୱର୍ଗତ ନରେଶ ଚନ୍ଦ୍ର ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ବସୁଧା)ର ଉପଦେଷ୍ଟା ତଥା ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦିନେଶ ପ୍ରଧାନଙ୍କ ନେତୃତ୍ୱରେ ବିଜୁ ଯୁବ ଜନତା ଦଳ ତରଫରୁ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୩୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ଜିଲା ପ୍ରତିନିଧି ଭକ୍ତିପ୍ରସାଦ ଦାସ, ବିଜୁ ଯୁବ ଜନତା ଦଳର ଜିଲା ଉପ ସଭାପତି କିଶୋର କୁମାର ସାହୁ ଓ ପ୍ରକାଶ ଚନ୍ଦ୍ର ଭୋଇ, ଜିଲା ସାଧାରଣ ସମ୍ପାଦକ ସଞ୍ଜୀବ ସାହୁ, ଜିଲା ଆଇଟି କୋର୍ଡିନେଟର ସୁନୀତା ନାଏକ, ଜିଲା ସମ୍ପାଦକ ଜିତେନ୍ଦ୍ର ନାଏକ, ସୌରଭ କୁମାର ବେହେରା ଓ ଅମିତ କୁମାର ଦାସ, ଯୁବନେତା ଚଉବନ ସାହୁ, ଗଣେଶ୍ୱର ସାହୁ ଓ ଜିଲା ଛାତ୍ର ବିଜେଡି ସମ୍ପାଦକ ରାହୁଲ ମହାପାତ୍ର ତଥା ବିଜୁ ଯୁବ ଜନତା ଦଳର କର୍ମକର୍ତ୍ତାମାନେ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଶିବିରକୁ ପରିଚାଳନା କରିଥିଲେ।




ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ଶିମିଳିଆ ଟିମ୍ ଚାମ୍ପିୟନ

**ଆଠମଲ୍ଲିକ, ୨୧।୫ (ଡି.ଏନ.ଏ.)**

ଆଠମଲ୍ଲିକ ଏନଏସି ବରଗାଁ ସେଭେନ୍ଥ ନାଇଟ କ୍ରିକେଟ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ ୨୦ ତାରିଖରେ ଖେଳାଯାଇଥିଲା। ବରହମ ଟିମ ଏବଂ ସାନହୁଲା ପଞ୍ଚାୟତର ଶିମିଳିଆ ଟିମ ଏହି ଫାଇନାଲ ମ୍ୟାଚ ଖେଳିଥିଲେ। ବରହମ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୬ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରିଥିବା ବେଳେ ଶିମିଳିଆ ୯ ଓଭରରେ ଗୋଟିଏ ଉଇକେଟ ହରାଇ ୧୬୧ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଭାବେ ଶିମିଳିଆ ଟିମ୍‌ର କାହ୍ନାଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଜେଡି ଯୁବନେତା ସଦାନନ୍ଦ ଦନ୍ତା ଓ ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ଆଥ୍‌ଲେଟିକ ଆସୋସିଏଶନର ପୂର୍ବତନ ସମ୍ପାଦକ ଦିଲୀପ ରାଉତ ଏବଂ ବର୍ତ୍ତମାନର ସମ୍ପାଦକ ରଞ୍ଜନ ମହାକୁଡ଼ ଉପସ୍ଥିତ ରହି ଉଭୟ ଟିମକୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ଟିମ୍ ଶିମିଳିଆକୁ ଟ୍ରଫି ସହିତ ୧୦ ହଜାର ଟଙ୍କା ଏବଂ ରନର୍ସଅପ ଟିମ୍ ବରହମକୁ ଟ୍ରଫି ସହ ୫ ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ସେଭେନ୍ଥ ନାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସଭାପତି ଶାନ୍ତନୁ ନାଏକ, ସମ୍ପାଦକ ମୁନା ମାହାର ଖେଳ ଆୟୋଜନ କରିଥିବା ବେଳେ ସଂଗ୍ରାମ କେଶରୀ ପଟ୍ଟନାୟକ ସହଯୋଗ କରିଥିଲେ। ସୁବ୍ରତ ଦେହୁରୀ, ଲିଙ୍କୁନ ବିଶ୍ୱାଳ, ସମୀର ସାହୁ, ନିକୁଞ୍ଜ ଭୋକ୍ତା, ଲିପୁନ, ରଜତ, ଅମି, ଶିବୁ, ବଷ୍ଟି, ପୂର୍ଣ୍ଣ, ଦୁଷ୍ମନ୍ତ, ସାଗର, କାହ୍ନା ପ୍ରମୁଖ ସହଯୋଗ କରିଥିଲେ।



ଟ୍ରଫି ସହ ଖେଳାଳିମାନେ।

# 'ବାଜି ରାଉତ ଛାତ୍ରାବାସ ରାଷ୍ଟ୍ରର ଏକ ଶ୍ରଦ୍ଧା କେନ୍ଦ୍ର'

**ଅନୁଗୋଳ ଅଫିସ, ୨୧।୫**

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଓ ନାରୀ ନେତ୍ରୀ ସ୍ୱର୍ଗତ ମାଳତୀ ଚୌଧୁରୀଙ୍କ ଦ୍ୱାରା ଅନୁଗୋଳରେ ପ୍ରତିଷ୍ଠିତ 'ବାଜି ରାଉତ ଛାତ୍ରାବାସ' ସହ 'ମାଳତୀ ଦେବୀ ଆଶ୍ରମ' ପରିଦର୍ଶନ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଆଶ୍ରମ ପରିସରରେ ଥିବା ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଓ ସ୍ୱର୍ଗତ ମାଳତୀ ଚୌଧୁରୀଙ୍କ ପୁଣ୍ୟ ସମାଧି ସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ଛାତ୍ରାବାସ ଓ ଆଶ୍ରମର ଉନ୍ନତି ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ମାଳତୀ ଦେବୀଙ୍କ ଦାୟାଦ ଓ ଆଶ୍ରମର ସଦସ୍ୟମାନଙ୍କ ସହିତ ବିଚାରବିମର୍ଶ କରିଥିଲେ। ଏ ପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କେନ୍ଦ୍ରମନ୍ତ୍ରୀ କହିଥିଲେ, ଆଶ୍ରମ ଓ ବାଜି ରାଉତ ଛାତ୍ରାବାସ ହେଉଛି ରାଷ୍ଟ୍ରର ଏକ ଶ୍ରଦ୍ଧା କେନ୍ଦ୍ର। ବିଶେଷ ଭାବରେ ଏହା ଓଡ଼ିଆଙ୍କ ପାଇଁ ମୂଲ୍ୟବୋଧଯୁକ୍ତ ରାଜନୀତି ଓ ସମର୍ପିତ ରାଜନୀତିର ପ୍ରତ୍ୟକ୍ଷ ମନ୍ଦିର। ଏହି ଆଶ୍ରମ ଓ ଛାତ୍ରାବାସର ଯେତିକି ବିକାଶ ହେବା କଥା ତାହା ହୋଇନାହିଁ। ବାଜି ରାଉତ ଛାତ୍ରାବାସ ପାଇଁ ସେ ନିଜ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠି (ଏମ୍‌ପି ଲାଡ୍)ରୁ ଆର୍ଥିକ ସହାୟତା ଦେଇଥିଲେ। ଏଥିସହ ଛାତ୍ରାବାସ ସମେତ ମାଳତୀ ଦେବୀ ଆଶ୍ରମର ବିକାଶ ପାଇଁ ସମସ୍ତେ ଦାୟିତ୍ୱ ନେବା ଉଚିତ ବୋଲି କହିଥିଲେ।



କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାଜି ରାଉତ ଛାତ୍ରାବାସ ପରିଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ ମାମଲା: ଅଧ୍ୟାପକ ଗିରଫ

ଭୁବନ, ୨୧ା୫(ଡି.ଏନ୍.ଏ.): ବିଦ୍ୟୁତ୍ ଚୋରି ରୋକିବାକୁ ଯାଇଥିବା କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଗିରଫ ହୋଇଛନ୍ତି ଭୁବନ ଥାନା ମାର୍ଥାପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ବିକାଶ ରଞ୍ଜନ ପଣ୍ଡା (୫୪)। ଜାମିନ ନାମଞ୍ଜୁର ପରେ ତାଙ୍କୁ କାମାକ୍ଷାନଗର ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବିକାଶ କଙ୍କଡ଼ାହାଡ଼ ବ୍ଲକ ବୀରାଶାଳ କଲେଜର ଇଂଲିଶ ଅଧ୍ୟାପକ ବୋଲି ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗୋବିନ୍ଦପୁର ଗ୍ରାମରେ ମିଟର ଟ୍ୟାମ୍ପରିଂ କରି ବିଦ୍ୟୁତ୍ ଚୋରି ହେଉଥିବା ଅଭିଯୋଗ ମିଳିବା ପରେ ଶନିବାର ମଧ୍ୟାହ୍ନରେ ବିଦ୍ୟୁତ୍ ବିଭାଗ ଏବଂ ଟାଟାପାୱାର କର୍ମଚାରୀମାନେ ଯାଞ୍ଚ କରିବାକୁ ଯାଇଥିଲେ। ବିକାଶଙ୍କ ଘରେ ଯାଞ୍ଚ ବେଳେ ମିଟର ଟ୍ୟାମ୍ପରିଂ ହୋଇଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ କୈଫିୟତ ମାଗିବାରୁ ବିକାଶ ଉତ୍କ୍ଷିପ୍ତ ହୋଇ ଅଧିକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ କେତେଜଣ କର୍ମଚାରୀ ଆହତ ହୋଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ କରିବାକୁ ଗ୍ରାମରେ ପହଞ୍ଚିଥିଲା। ତେବେ ବିକାଶ ପୋଲିସ ଟିମ୍‌କୁ ଅସହଯୋଗ କରିବା ସହ ତଦନ୍ତରେ ବାଧା ସୃଷ୍ଟି କରିଥିଲେ। ମହିଳା ପୋଲିସଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ବିଦ୍ୟୁତ୍ ବିଭାଗର ଅଭିଯୋଗକ୍ରମେ ନଂ. ୧୯୧/୨୩, ମହିଳା ପୋଲିସଙ୍କ ଅଭିଯୋଗ ଅନୁଯାୟୀ ନଂ.୧୯୫/୨୩ରେ ପୃଥକ୍ ମାମଲା ରୁଜୁ ହୋଇଥିଲା।

### ଶୁଭଲକ୍ଷ୍ମୀଙ୍କୁ 'ରାଜୀବ ଗାନ୍ଧୀ ଆୱାର୍ଡ'



ଢେଙ୍କାନାଳ ଅଫିସ, ୨୧ା୫: ଢେଙ୍କାନାଳ କଲେଜର ଛାତ୍ରୀ ଏନ୍. ଶୁଭଲକ୍ଷ୍ମୀ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର-୨୦୨୩ରେ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟସ୍ ଫୋରମ୍ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପିସିସି ସଭାପତି ଶରତ ପଟ୍ଟନାୟକ ଉପସ୍ଥିତ ରହି ଶୁଭଲକ୍ଷ୍ମୀଙ୍କୁ ପୁରସ୍କୃତ କରିଥିଲେ। ସୂଚନାଯୋଗ୍ୟ, ଶୁଭଲକ୍ଷ୍ମୀ ସ୍ଥାନୀୟ ଦେବାଂଶୀ ଡ୍ୟାନ୍ସ ଏକାଡେମୀର ପ୍ରତିଷ୍ଠାତା ଗୁରୁ ଗୌରୀଶଙ୍କର ଦାଶଙ୍କଠାରୁ ଓଡ଼ିଶୀ ନୃତ୍ୟ ପ୍ରଶିକ୍ଷଣ ନେଉଛନ୍ତି। ତାଙ୍କର ଏହି ସଫଳତାରେ ଏକାଡେମୀ ସମେତ ସହରରେ ଖୁସିର ଲହରି ଖେଳିଯାଇଛି।

# ଅଦୃଶ୍ୟ ଠକ ଆତଙ୍କ

- ଜାଲ ବିଛାଇ ଖାଲି କରୁଛନ୍ତି ଆକାଉଣ୍ଟ
- ଦେଢ଼ ବର୍ଷରେ ୭୦ ମାମଲା, ୮ ଗିରଫ



**କେତେବେଳେ ପ୍ରଲୋଭିତ କରୁଛନ୍ତି ତ ଆଉ କେବେ ସମସ୍ୟାର ସମାଧାନ କରିଦେବାକୁ ଉପରେ ପଡ଼ି ଦେଉଛନ୍ତି ପରାମର୍ଶ। ଥରେ ବିଶ୍ୱାସ ଜିତିନେବା ପରେ ଗୋପନୀୟ ତଥ୍ୟ ହାତେଇ କ୍ଷଣିକ ମଧ୍ୟରେ ଖାଲି କରିଦେଉଛନ୍ତି ଆକାଉଣ୍ଟ। ଅଦୃଶ୍ୟ ଠକଙ୍କ ଏଭଳି ଆତଙ୍କ ଏବେ ଢେଙ୍କାନାଳ ଜିଲା ପୋଲିସର ମୁଣ୍ଡବ୍ୟଥା ବଢ଼ାଇଛି। ଗତ ଦେଢ଼ବର୍ଷରେ ୭୦ଟି ସାଇବର ମାମଲା ରୁଜୁ ହୋଇଥିବାବେଳେ ଗିରଫ ହୋଇଛନ୍ତି ମାତ୍ର ୮। ଆବଶ୍ୟକ ମାନବସମ୍ବଳ ଅଭାବ ଏବଂ ଜଟିଳ ତଦନ୍ତ ପ୍ରକ୍ରିୟା କାରଣରୁ ପରଦା ପଛର ଏଭଳି ବହୁରୂପୀଙ୍କ ମାୟାଜାଲର ରହସ୍ୟ ଭେଦିବା କଷ୍ଟକର ହୋଇପଡୁଥିବା ଅଭିଯୋଗ ହେଉଛି।**

ଢେଙ୍କାନାଳ ଅଫିସ, ୨୧ା୫

ଢେଙ୍କାନାଳରେ ସାଇବର କ୍ରାଇମ୍ ବଢ଼ିବାରେ ଲାଗିଛି। ଜିଲାରେ ଗତ ଦେଢ଼ବର୍ଷ ମଧ୍ୟରେ ଏଭଳି ୭୦ଟି ମାମଲା ରୁଜୁ ହୋଇଥିବାବେଳେ ମାତ୍ର ୮ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ। ଠକମାନେ ଅତି ଚତୁରତାର ସହ ଆକାଉଣ୍ଟ ଖାଲି କରିଦେଉଥିବାବେଳେ ଠକେଇର ଶିକାର ହୋଇଥିବା ବ୍ୟକ୍ତି ଅର୍ଥ ଫେରିପାଇବା ପାଇଁ ଥାନାକୁ ଦୌଡ଼ୁଛନ୍ତି।

ଢେଙ୍କାନାଳ ଜିଲାରେ ୨୦୨୨ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ୪୮ଟି ସାଇବର ମାମଲା ଦାଏର ହୋଇଛି। ତନ୍ମଧ୍ୟରେ ଟାଉନ ଥାନାରେ ୨୨, ସଦର ଥାନାରେ ୫, ମୋଟଙ୍ଗା ଥାନାରେ ୧, ଗଁଦିଆ ଥାନାରେ ୩, ନିହଲପ୍ରସାଦ ଥାନାରେ ୨, କାମାକ୍ଷାନଗର ଥାନାରେ ୫, ପରଜଙ୍ଗ ଥାନାରେ ୪, ଭୁବନ ଥାନାରେ ୨, ତୁମୁସିଙ୍ଗା ଥାନାରେ ୧, ରାସୋଳ ଥାନାରେ ୧, ବାଲିମୀ ଥାନାରେ ୨ଟି ମାମଲା ରୁଜୁ କରାଯାଇଛି। ସେହିପରି ୨୦୨୩ ଜାନୁୟାରୀରୁ ଏପ୍ରିଲ ମଧ୍ୟରେ ରୁଜୁ ହୋଇଛି ୨୨ ମାମଲା। ସେଥିମଧ୍ୟରୁ ଟାଉନ ଥାନାରେ ୧୩, ସଦର ଥାନାରେ ୨, ବାଲିମୀ ଥାନାରେ ୨ ଏବଂ ଗଁଦିଆ, କାମାକ୍ଷାନଗର, କଙ୍କଡ଼ାହାଡ଼, ଭୁବନ, ରାସୋଳ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ଏହି ଦେଢ଼ବର୍ଷ ମଧ୍ୟରେ କେବଳ ଢେଙ୍କାନାଳ ଟାଉନ ଥାନାରେ ୩୫ଟି ସାଇବର ଅପରାଧଜନିତ ମାମଲା ରୁଜୁ ହୋଇଛି। ଏହାକୁ ଦେଖିଲେ ସହରାଞ୍ଚଳବାସୀ ଅଧିକ ଠକେଇର ଶିକାର ହୋଇଥିବା ସ୍ପଷ୍ଟ ହୋଇଛି। ଅନ୍ୟପଟେ ଏସବୁ ମାମଲାରେ ଟାଉନ ଥାନା ପୋଲିସ ମାତ୍ର ୨ଜଣଙ୍କୁ ବାନ୍ଧିଛି। ସେହିପରି ଗଁଦିଆ, ଭୁବନ, କାମାକ୍ଷାନଗର, ରାସୋଳ, ସଦର, ପରଜଙ୍ଗ ଥାନା ପୋଲିସ ଜଣେ ଲେଖାଏ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି।

ଠକମାନେ ଆକାଉଣ୍ଟ ଖାଲି କରିବାକୁ ବିଭିନ୍ନ ଫନ୍ଦିଫିକର କରୁଛନ୍ତି। ମିଛ ଅଧିକାରୀ ସାଜି କେତେବେଳେ ଆଧାରକାର୍ଡ ଅପ୍‌ଡେଟ୍ କରିବାକୁ କହୁଛନ୍ତି ତ ଆଉ କେବେ ନୂଆ ଏଟିଏମ୍ କାର୍ଡ ଆସିଥିବା କରୁଛନ୍ତି। ସେହିପରି ଏଟିଏମ୍ କାର୍ଡ ବ୍ଲକ ହୋଇଯାଇଥିବା ମଧ୍ୟ କହୁଛନ୍ତି। ଏପରି କି ବିଭିନ୍ନ ଲୋଭନୀୟ ଅଫର ମଧ୍ୟ ଦେଉଛନ୍ତି। ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ତଥ୍ୟ ଏବଂ ଏଟିଏମ୍ ପାସ୍‌ୱାର୍ଡ ଦେଲେ ସମସ୍ୟା ସମାଧାନ କରିଦେବାକୁ କହି ଭରସା ଜିତୁଛନ୍ତି। ଥରେ ଓଟିପି ନମ୍ବର କିମ୍ବା ପାସ୍‌ୱାର୍ଡ ହାତେଇ ନେବାପରେ ଆକାଉଣ୍ଟଧାରୀଙ୍କ ଆକାଉଣ୍ଟ ଖାଲି କରିଦେଉଛନ୍ତି। ଠକେଇର ଶିକାର ବ୍ୟକ୍ତି ତୁରନ୍ତ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କଲେ ପୋଲିସ ସହାୟତାରେ ଆକାଉଣ୍ଟ ବ୍ଲକ କରିଦିଆଯାଇପାରୁଛି। କେତେକ କ୍ଷେତ୍ରରେ ଟଙ୍କା ମଧ୍ୟ ବାହୁଡ଼ି ଅଣାଯାଇପାରୁଛି। ହେଲେ ଜିଲା ପୋଲିସ ପକ୍ଷରୁ କୌଣସି ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉ ନ ଥିବାରୁ ଲୋକେ ଏ ବିଷୟରେ ଜାଣିପାରୁନାହାନ୍ତି। ତେଣୁ ସାଇବର ଠକେଇ ବଢ଼ିବାରେ ଲାଗିଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କୁହନ୍ତି, ଜିଲାର ସମସ୍ତ ଥାନାରେ ସାଇବର ମାମଲାଗୁଡ଼ିକୁ ଅନୁଧ୍ୟାନ କରିବା ଲାଗି ତାଲିମପ୍ରାପ୍ତ ଅଧିକାରୀ ଅଛନ୍ତି, ସେମାନେ ଅଭିଯୋଗକୁ ପ୍ରଥମେ ଅନୁଧ୍ୟାନ କରିଥାଆନ୍ତି। ଏହାପରେ ମାମଲାକୁ ସାଇବର ସେଲ୍‌କୁ ପଠାଇ ଦିଆଯାଉଛି। କେତେକ ମାମଲାରେ ଠକେଇର ଶିକାର ଲୋକେ ଟଙ୍କା ଫେରିପାଇଛନ୍ତି। ଏହାକୁ ରୋକିବା ଲାଗି ଲୋକଙ୍କୁ ଅଧିକ ସଚେତନ ହେବାକୁ ପଡ଼ିବ। ପୋଲିସ ପକ୍ଷରୁ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

## ଭୁବନେଶ୍ୱର ଉପରେ ନିର୍ଭର

ସାଇବର ଠକେଇ ରୋକିବା ଲାଗି ଢେଙ୍କାନାଳ ଜିଲାରେ ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ଏଥିଲାଗି ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡୁଛି। ଏ ସମ୍ପର୍କିତ ଅଭିଯୋଗ ଆସିଲେ ପୋଲିସ ତଦନ୍ତ ପାଇଁ ଭୁବନେଶ୍ୱର ସାଇବର ସେଲ୍‌କୁ ପଠାଇ ଦେଉଛି। ମାମଲାର ଛାନ୍‌ଭିନ୍ ଆରମ୍ଭ ହେବା ବେଳକୁ ବିଳମ୍ବ ହେଉଛି। ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବା କଷ୍ଟକର ହୋଇପଡୁଛି। ତେଣୁ ଢେଙ୍କାନାଳରେ ଏକ ସାଇବର ଥାନା ପ୍ରତିଷ୍ଠା ହେଲେ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

## ଇଞ୍ଜିନିୟରିଂ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ



ଶୁଭକାନ୍ତ ବେହେରା (ଫାଇଲ ଫଟୋ)

ଢେଙ୍କାନାଳ ଅଫିସ, ୨୧ା୫

ଢେଙ୍କାନାଳ ପୌରାଞ୍ଚଳ ଅଧୀନ ଚାନ୍ଦମାରି ସାହିସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ କଲୋନୀର ଏକ କ୍ୱାର୍ଟର୍ସରୁ ରବିବାର ଜଣେ ଡିପ୍ଲୋମା ଇଞ୍ଜିନିୟରିଂ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ସେ ହେଲେ ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ କ୍ଷେତ୍ରବାସୀ ବେହେରାଙ୍କ ପୁତ୍ର ଶୁଭକାନ୍ତ ବେହେରା ଓରଫ ଗୁଲୁ (୨୩)। ଗୁଲୁ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ତେବେ ସେ କାହିଁକି ଏଭଳି ଚରମ ପଦକ୍ଷେପ ନେଲେ, ତାହାର କାରଣ ଅସ୍ପଷ୍ଟ ରହିଛି। ଲୁଗାରେ ଝୁଲୁଥିବା ଅବସ୍ଥାରେ ତାଙ୍କ ମୃତଦେହକୁ ଟାଉନ ଥାନା ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସଂକ୍ରାନ୍ତରେ ନଂ. ୨୬/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶୁଭକାନ୍ତଙ୍କ ଏଭଳି ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଡାଇମଣ୍ଡ୍ କ୍ଲବ ଚାମ୍ପିୟନ୍

ଢେଙ୍କାନାଳ ଅଫିସ, ୨୧ା୫

ଢେଙ୍କାନାଳ ବାଜିଚୌକ୍ ନିକଟରେ ଚାଲିଥିବା ୧୫ତମ ଶହୀଦ ବାଜି ରାଉତ ରାତ୍ରିକାଳୀନ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ସିଲ୍‌ଭର ଷ୍ଟାର କ୍ଲବକୁ ହରାଇ ଡାଇମଣ୍ଡ କ୍ରିକେଟ୍ କ୍ଲବ୍ ଚାମ୍ପିୟନ ହୋଇଛି। ୧୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ସିଲ୍‌ଭର ଷ୍ଟାର୍ ଟିମ୍ ପ୍ରଥମେ ବ୍ୟାଟିଂ କରି ୮୧ ରନ୍ କରିଥିଲା। ଜବାବରେ ଡାଇମଣ୍ଡ ଟିମ୍ ୯.୫ ଓଭରରେ ବିଜୟ ପାଇଁ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା।

ପ୍ରାରମ୍ଭରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ। ବାଜିଚୌକ ପୂଜା କମିଟି ସଭାପତି ତଥା ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ନଗରପାଳ ସୁନୀଲ ଶର୍ମା ପ୍ରମୁଖ ଯୋଗଦେଇଥିଲେ। ସତ୍ୟନାରାୟଣ କର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଆଶିଷ ଶତପଥୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଏଥିପୂର୍ବରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ବାଜିଚୌକଠାରେ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶହୀଦ ବାଜି ରାଉତ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

## ସୁକାନ୍ତ ସଭାପତି, ସୁଶାନ୍ତ ସମ୍ପାଦକ

ଢେଙ୍କାନାଳ ଅଫିସ, ୨୧ା୫

ଢେଙ୍କାନାଳ ଖମାରସାହି ଅଞ୍ଚଳର ଦେବାଳୟଗୁଡ଼ିକର ସୁପରିଚାଳନା, ରକ୍ଷଣାବେକ୍ଷଣ ଏବଂ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଅନ୍ନପୂର୍ଣ୍ଣା ଚାରିଟେବୁଲ ଟେମ୍ପଲ ଟ୍ରଷ୍ଟ ଗଠିତ ହୋଇଛି। ରବିବାର ଟ୍ରଷ୍ଟର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ସୁକାନ୍ତ ମିଶ୍ରଙ୍କୁ ସଭାପତି, ସୁଶାନ୍ତ ସାହୁଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ବସନ୍ତ ରଥ, ଉପସଭାପତି ଦୀପକ ମିଶ୍ର, ପ୍ରଶାନ୍ତ ରାଉତ, ଅଜିତ ତ୍ରିପାଠୀ, ପ୍ରେମାନନ୍ଦ ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ଚକ୍ରଧର ରାଉତ, ସହ ସମ୍ପାଦକ ସୁଶାନ୍ତ ସ୍ୱାଇଁ, ପ୍ରଭାତ ସାହୁ, କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଯୁଗ୍ମ କୋଷାଧ୍ୟକ୍ଷ ବଳରାମ ବାରିକ, କାର୍ଯ୍ୟାଳୟ ସମ୍ପାଦକ ଭଗବାନ ବେହେରା, ସହ କାର୍ଯ୍ୟାଳୟ ସମ୍ପାଦକ ସର୍ବେଶ୍ୱର ପ୍ରଧାନ, ହୃଦାନନ୍ଦ ଶତପଥୀ, କାର୍ଯ୍ୟକାରୀ ସଦସ୍ୟ ଭାବେ ବିଶ୍ୱନାଥ ମହାପାତ୍ର, ରବି ନାୟକ, ସୁଜାତା ନନ୍ଦ, ସାବିତ୍ରୀ ମିଶ୍ର, ସୁରେଶ ଜେନା, ଶରତ ଲେଙ୍କା ପ୍ରମୁଖ ୫ବର୍ଷ ପାଇଁ ଚୟନ ହୋଇଛନ୍ତି। ସେହିପରି ନିର୍ମାଣ କମିଟି ସଭାପତି ଭାବେ ହୃଦାନନ୍ଦ ଶତପଥୀ, ସଦସ୍ୟ ସୁଶାନ୍ତ ସାହୁ, ଚକ୍ରଧର ରାଉତ, ଅଜିତ ତ୍ରିପାଠୀ, ପ୍ରଭାତ ସାହୁ, ନୀଳକଣ୍ଠେଶ୍ୱର ମନ୍ଦିର ସଭାପତି ଭାବେ ଦୀପକ ମିଶ୍ର, ଉପସଭାପତି ଜୟନ୍ତ ସ୍ୱାଇଁ, ପ୍ରଶାନ୍ତ ବେହେରା, ସମ୍ପାଦକ ଅଜିତ ତ୍ରିପାଠୀ, ସହ ସମ୍ପାଦକ ଭାବେ ପ୍ରଭାତ ସାହୁ, ସର୍ବେଶ୍ୱର ପତ୍ରୀ, ଭଗବାନ ବେହେରା, ଅମୂଲ୍ୟ ସାମଲଙ୍କୁ ଦାୟିତ୍ୱ ଦିଆଯାଇଛି।

## ବଳରାମ ମନ୍ଦିର ଐତିହ୍ୟ ଜାଣିଲେ ପଦଯାତ୍ରୀ



ସିଦ୍ଧ ବଳରାମ ମନ୍ଦିର ପରିସରରେ ପଦଯାତ୍ରୀମାନେ।

ଢେଙ୍କାନାଳ ଅଫିସ, ୨୧ା୫

### ଐତିହ୍ୟ ପଦଯାତ୍ରା

ଢେଙ୍କାନାଳର ଐତିହ୍ୟସମ୍ପନ୍ନ ପୀଠ, ପର୍ଯ୍ୟଟନସ୍ଥଳୀକୁ ଲୋକଲୋଚନକୁ ଆଣିବା ଲାଗି ଆରମ୍ଭ ହୋଇଥିବା 'ଐତିହ୍ୟ ପଦଯାତ୍ରା'ର ରବିବାର ଦ୍ୱିତୀୟ ପର୍ଯ୍ୟାୟରେ ପଦଯାତ୍ରୀମାନେ ସିଦ୍ଧ ବଳରାମ ମନ୍ଦିର ପରିକ୍ରମା କରିଛନ୍ତି। ବିଶିଷ୍ଟ ଗବେଷକ ତଥା ଶିକ୍ଷାବିତ୍ ପ୍ରଫେସର ଡ. ଭବାନୀ ଶଙ୍କର ମିଶ୍ର ଏଥିରେ ଯୋଗଦେଇ ଷୋଡ଼ଶ-ସପ୍ତଦଶ ଶତାବ୍ଦୀରେ ନିର୍ମିତ ଏହି ପ୍ରାଚୀନ ମନ୍ଦିରର ନିର୍ମାଣଶୈଳୀ, ସ୍ଥାପତ୍ୟକଳା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।

ଯୁବରାଜ ଅମରଜ୍ୟୋତି ସିଂଦେଓ ଶ୍ରୀ ସିଦ୍ଧ ବଳରାମଙ୍କ ଆବିର୍ଭାବ, ମନ୍ଦିରର ପରମ୍ପରା ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ମନ୍ଦିର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀ ଠାକୁରଙ୍କ ଦୈନିକ ନୀତିକାନ୍ତି, ବାର୍ଷିକ ଯାନିଯାତ୍ରା ସମ୍ପର୍କରେ ଅବଗତ କରାଇଥିଲେ। ଆଇଆଇଏମ୍‌ସିର ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ, କଟକ ହେରିଟେଜ୍ ୱାକ୍‌ର ବରିଷ୍ଠ ସଦସ୍ୟ ବିଶ୍ୱରଞ୍ଜନ ଦେହୁରୀ, ଡ. ମଳୟ ରଞ୍ଜନ ପତି, ଅଧ୍ୟାପକ ପ୍ରଦୀପ ମହାପାତ୍ର, ମନମୋହନ ମହାପାତ୍ର, ଆଦିତ୍ୟ ପ୍ରସାଦ ମିଶ୍ର, ପରେଶ ମିଶ୍ର, ଅର୍ଜ୍ଜୁନ ସିଂ, ଦିବ୍ୟାନୀ ସିଂ, ମନୋରଞ୍ଜନ ମିଶ୍ର, ଶାନ୍ତନୁ ନାୟକ, ଦେବାର୍ପିତ ପତି, ରାଜୀବ ମାହୁନ୍ତ, ସରୋଜ ଶତପଥୀ, ନାରାୟଣ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ସେଠୀ, ରମେଶ ପତି ପ୍ରମୁଖ ବହୁ ଐତିହ୍ୟପ୍ରେମୀ ଯୋଗଦେଇଥିଲେ। ଐତିହ୍ୟ ସଂରକ୍ଷଣ, ସଚେତନତା ସୃଷ୍ଟି ଏବଂ ଭବିଷ୍ୟତ ପିଢ଼ିଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିବା ପଦଯାତ୍ରାର ଆବାହକ ସୁରେଶ ମିଶ୍ର ସୂଚନା ଦେଇଛନ୍ତି।

## ମହାକାଳେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

ଢେଙ୍କାନାଳ ଅଫିସ, ୨୧ା୫

ଢେଙ୍କାନାଳ ସହର କୈବଲ୍ୟ ବଜାରସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ବାବା ମହାକାଳେଶ୍ୱରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ରବିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଭାଗୀରଥି ସାଗର କୂଳରେ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ମହିଳା ଶ୍ରଦ୍ଧାଳୁମାନେ ଜଳପୂର୍ଣ୍ଣ କଳସ ଧରି ମନ୍ଦିରରେ ପହଞ୍ଚିଥିଲେ। ସୋମବାରଠାରୁ ବିଧି ଅନୁଯାୟୀ ସୂର୍ଯ୍ୟପୂଜା, ଗୋପୂଜା, ବିଗ୍ରହ ମହାସ୍ନାନ, ଜୀବନ୍ୟାସ, ମନ୍ଦିର ନ୍ୟାସ, ଧ୍ୱଜା ଉତ୍ତୋଳନ, ଠାକୁରଙ୍କ ମନ୍ଦିର ପ୍ରବେଶ ଅନୁଷ୍ଠିତ ହେବ। ମଙ୍ଗଳବାର ରୁଦ୍ରାଭିଷେକ, ପୂର୍ଣ୍ଣାହୁତି ଏବଂ ପ୍ରସାଦସେବନ କାର୍ଯ୍ୟକ୍ରମ ରହିଛି। ପ୍ରଧାନ ଆଚାର୍ଯ୍ୟ ପଣ୍ଡିତ ରାଜକିଶୋର ମିଶ୍ରଶର୍ମା, ପଣ୍ଡିତ ମାନସ ପାଣିଗ୍ରାହୀ, ପଣ୍ଡିତ ଦୀପକ ମିଶ୍ର, ପଣ୍ଡିତ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ ଅର୍ଜୁନ କୁମାର ପଣ୍ଡା ପ୍ରମୁଖ ପୂଜାକାର୍ଯ୍ୟ କରିଥିଲେ। ମନୋଜ କୁମାର ଅଗ୍ରୱାଲ, ସଭାପତି ସନ୍ତୋଷ ଅଗ୍ରୱାଲ, ଶିବ ପ୍ରସାଦ ଶତପଥୀ, ପ୍ରହ୍ଲାଦ ମହାନ୍ତି, ଦେବରାଜ ସାହୁ, କୃଷ୍ଣ ଚନ୍ଦ୍ର ସାହୁ, ଗୋପୀନାଥ ସାହୁ, ମହିଳା ମଣ୍ଡଳ ସଭାପତି ବସନ୍ତ ମଞ୍ଜରୀ ମିଶ୍ର, ଗାୟତ୍ରୀ ପରିବାରର ମାନ୍ୟଗଣ୍ୟ ବ୍ୟକ୍ତି ସହଯୋଗ କରିଥିଲେ।



ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ କଳସଯାତ୍ରା।

## ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟିତ



ଶିବିରରେ ଯୋଗଦେଇଥିବା ପ୍ରଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

ଢେଙ୍କାନାଳ ଅଫିସ, ୨୧ା୫

ଢେଙ୍କାନାଳ ଆମେଚର ଟାଏକୋଣ୍ଡୋ ଆସୋସିଏଶନ ଓ ଗୁରୁଦେବଜୀ ଫାଉଣ୍ଡେଶନ ସହଯୋଗରେ ୮ ଦିନିଆ ନିଃଶୁଳ୍କ ଗ୍ରୀଷ୍ମକାଳୀନ ଶିବିର ଓ ମହିଳା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ରବିବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ମହାବୀର ବଜାର ମମତା ମଣ୍ଡପ ଏବଂ ତହସିଲ କାର୍ଯ୍ୟାଳୟ ସମ୍ମୁଖ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଅରୁଣ କୁମାର ସାହୁ, ଚିତ୍ତରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଇଂ ସୌମ୍ୟବ୍ରତ ସାହୁ କହିଲେ, ପ୍ରଶିକ୍ଷାର୍ଥୀଙ୍କୁ ବିଶେଷଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ଆତ୍ମରକ୍ଷା କୌଶଳ, ଯୋଗ, ଟାଏକୋଣ୍ଡୋ, ସ୍କେଟିଂ, ଚିତ୍ରାଙ୍କନ, ରଙ୍ଗୋଲି, ବକ୍ତୃତା, ଅଭିନୟ, ନୃତ୍ୟ, ସଙ୍ଗୀତ, ଦକ୍ଷତା ବିକାଶ, ମାନସିକ ବିକାଶ ପ୍ରଶିକ୍ଷଣ ଦିଆଯିବ। ଶିବିରରେ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିବାବେଳେ ଏହା ଆସନ୍ତା ୨୮ ତାରିଖରେ ଶେଷ ହେବ। ପ୍ରଶିକ୍ଷକ ଡାର୍ଲିନ୍ ଡାଲ୍‌ଟନ୍, ରବୀନ୍ଦ୍ର ପରିଡ଼ା, ଇନ୍ଦ୍ରଜିତ୍ ସାହୁ, ପ୍ରତାପ ନାଏକ, ଶ୍ରେୟାସ୍ ଶକ୍ତିସ୍ମିଥ୍, ଗୁରୁଦେବଜୀ ଫାଉଣ୍ଡେଶନ୍‌ର ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ବହୁ ପ୍ରଶିକ୍ଷକ ଓ ସଦସ୍ୟ ଉପସ୍ଥିତ ଥିଲେ।

